# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 September – 2026

***********************************

## ମୁଖ୍ୟ ସମ୍ବାଦ

- ଭାରତର ବିବିଧଭାଷା, ପରମ୍ପରା, ସାମାଜିକ ଅଭିଜ୍ଞତାକୁ ପ୍ରତିଫଳିତ କରିବାରେ ଚଳଚ୍ଚିତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; କହିଲେ ରାଷ୍ଟ୍ରପତି

– ବିଶିଷ୍ଟ କନ୍ନଡ଼ ଅଭିନେତା ଅନନ୍ତ ନାଗଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ କଲେ ସମ୍ମାନିତ

- ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବିଧାନସଭାରେ ୬ଟି ବିଧେୟକ ସହ ଦୁଇଟି ଅଧ୍ୟାଦେଶ ଉପସ୍ଥାପିତ

- ବଙ୍ଗୋପସାଗରରେ ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

– ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ  ପରାମର୍ଶ

ଏବଂ

- ଗଣ୍ଡାମାନଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଗଣ୍ଡା ଦିବସ

Desk

# ପ୍ରେସିଡେଣ୍ଟ-ନ୍ୟାସନାଲ୍ ଫିଲ୍ମ ଆୱାର୍ଡ୍

ଭାରତର ବିବିଧ ଭାଷା, ପରମ୍ପରା ଓ ସାମାଜିକ ଅଭିଜ୍ଞତାକୁ ପ୍ରତିଫଳିତ କରିବାରେ ସିନେମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଗୁଜୁରାଟ କେଓ୍ୱଡ଼ିଆ ଏକତା ନଗରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରି, ଭାରତୀୟ ସିନେମାର ସାଂସ୍କୃତିକ ଶକ୍ତି ଓ ବିବିଧତା ଉପରେ ଆଲୋକପାତ କରିଛନ୍ତି। ଚଳଚ୍ଚିତ୍ରଗୁଡ଼ିକ ଦର୍ଶକଙ୍କୁ ମନୋରଞ୍ଜନ କରିବା ସହିତ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରି ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବାରେ ସାହାଯ୍ୟ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O -**

ଏହି ଅବସରରେ ରାଷ୍ଟ୍ରପତି ବିଶିଷ୍ଟ କନ୍ନଡ଼ ଅଭିନେତା ଅନନ୍ତ ନାଗଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସେହିପରି ଆର୍ଟିକିଲ୍-୩୭୦କୁ ଶ୍ରେଷ୍ଠ ଫିଚର ଫିଲ୍ମଭାବେ ପୁରସ୍କୃତ କରାଯାଇଛି। ୟାମୀ ଗୌତମଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ, କାର୍ତ୍ତିକ ଆର୍ଯ୍ୟନ ଓ ମାମୁଟିଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ‘ସ୍ୱତନ୍ତ୍ର ବୀର ସାଭରକର’ ଚଳଚ୍ଚିତ୍ର ପାଇଁ ରଣଦୀପ ହୁଡ଼ାଙ୍କୁ ପଦାର୍ପଣକାରୀ ନିର୍ଦ୍ଦେଶକଭାବେ ପୁରସ୍କାର ମିଳିଛି। ଉଙ୍ଗାର ଶ୍ରେଷ୍ଠ ଫିଚର ଫିଲ୍ମ ଏବଂ ରାମ-ନାମୀ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ବିବେଚିତ ହୋଇଛି।

ସର୍ବଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ରଭାବେ ଲହରି ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଛି। ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ ଏବଂ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଛି।

BBSR/R

## ବିଧାନସଭା

ସପ୍ତଦଶ ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନର ପ୍ରଥମାର୍ଦ୍ଧରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଅପରାହ୍ଣ ୪ଟାରେ ମାତ୍ର ୧୧ ମିନିଟ୍ ପାଇଁ ଗୃହ ଚାଲିପାରିଥିଲା।  ବିରୋଧୀ ସଦସ୍ୟଙ୍କ ପ୍ରବଳ ହୋହାଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ’ ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିୟୋଜନ କର ଅଧ୍ୟାଦେଶ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ’ ଭାରତୀୟ ଷ୍ଟାମ୍ପ ସଂଶୋଧନ ଅଧ୍ୟାଦେଶ-୨୦୨୬କୁ ଗୃହରେ ଉପସ୍ଥାପନ କରିଥିଲେ। ଗୃହରେ ଆଜି ୬ଟି ବିଲ୍ ଓ ଦୁଇଟି ଅଧ୍ୟାଦେଶ ଉପସ୍ଥାପିତ ହୋଇଥିଲା। ବିଲ୍ ଆଗତ ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

Desk

## ବିଧାନସଭା– ହାତୀ ସୁରକ୍ଷା

ରାଜ୍ୟରେ ଗତ ତିନିବର୍ଷ ମଧ୍ୟରେ ୨୫୬ଟି ହାତୀ ମୃତ୍ୟୁ ହୋଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଛନ୍ତି। ବିଧାନସଭାରେ ସଦସ୍ୟ ଦୁର୍ଗାପ୍ରସନ୍ନ ନାୟକଙ୍କ ଏକ

ପ୍ରଶ୍ନର ଲିଖିତ ଉତ୍ତରରେ  ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ୧୩ଟି ହାତୀ ମୃତ୍ୟୁ ମାମଲାରେ ୩୨ ଜଣ ଶିକାରୀ ଗିରଫ ହୋଇଛନ୍ତି। ଅସ୍ୱାଭାବିକଭାବେ ହାତୀ ମୃତ୍ୟୁକୁ ରୋକିବା ପାଇଁ ସେମାନଙ୍କର ବାସସ୍ଥଳୀର ସୁରକ୍ଷା, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା ଏବଂ ବୈଷୟିକ ଜ୍ଞାନକୌଶଳ ଉପଯୋଗ ଦ୍ୱାରା ହାତୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ ଆଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ସୂଚନା ଦେଇଛନ୍ତି।

Puri

## ବାମନ ଦ୍ୱାଦଶୀ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ ଶୁକ୍ଲ ଦ୍ୱାଦଶୀ ତିଥି ଅବସରରେ ବାମନ ଜନ୍ମନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ମଧ୍ୟାହ୍ନ ଧୂପପରେ ପ୍ରାୟ ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ୬ ଘଣ୍ଟା ପାଇଁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

Nayagada

## ପାର୍ଶ୍ୱପରିବର୍ତ୍ତନ ଏକାଦଶୀ

ନୟାଗଡ଼ ଜିଲ୍ଲା କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ଆଜି ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ରୀତି ଅନୁସାରେ, ଭାଦ୍ରବ ଶୁକ୍ଲପକ୍ଷ ଏକାଦଶୀରୁ ଭଗବାନ ବିଷ୍ଣୁ ଶୟନରେ ଯାଇ କାର୍ତ୍ତିକ ଏକାଦଶୀରେ ନିଦ୍ରା ତ୍ୟାଗ କରିଥାନ୍ତି। ମନ୍ଦିରରେ ସକାଳଧୂପ

ସମ୍ପନ୍ନ ହେବାପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ବେଢ଼ା ପରିକ୍ରମା କରାଯାଇ ମଙ୍ଗଳାଅର୍ପଣ ହୋଇଥିଲା ।

Desk

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି । ଏହା ଆଗାମୀ ୧୨ ଘଣ୍ଟା ମଧ୍ୟରେ ଗଭୀର ଅବପାତରେ ପରିଣତ ହୋଇ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି । ଆସନ୍ତା ବୁଧବାର ରାତିରୁ ଗୁରୁବାର ଭୋର୍ ମଧ୍ୟରେ ବିଶାଖପଟନମ୍ ଓ ଗୋପାଳପୁର ମଧ୍ୟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ଏହା ଅତିକ୍ରମ କରିବ । ଫଳରେ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବା ନେଇ ୧୩ ଜିଲ୍ଲାକୁ ସତର୍କସୂଚନା ଜାରି କରାଯାଇଛି ।

ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ କୁହାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

**V/O**

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଗଭୀର ଅବପାତ ପାଇଁ ୩୮ଟି ଓଡ୍ରାଫ ଟିମ୍‌କୁ ନିୟୋଜିତ କରାଯାଇଛି। ମେଡିକାଲ ସୁବିଧାଗୁଡ଼ିକର ପ୍ରସ୍ତୁତି ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଡ୍ୟାମର ଜଳସ୍ତର ଉପରେ କ୍ରମାଗତ ନଜର ରଖିବାକୁ ଜଳସମ୍ପଦ ବିଭାଗକୁ କୁହାଯାଇଛି। ରାଜ୍ୟ ଓ ଜିଲ୍ଲାସ୍ତରରେ ସମ୍ପୂର୍ଣ୍ଣ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସାଧାରଣ ଜନତାଙ୍କୁ ସତର୍କ ରହିବା, ଜଳମଗ୍ନ, ତଳିଆ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳକୁ ନଯିବା ଓ ସ୍ଥାନୀୟ ପ୍ରଶାସନର ପରାମର୍ଶକୁ ଅନୁସରଣ କରିବାକୁ କୁହାଯାଇଛି।

Raygada/Ganjam/Malkangiri/Ganjam/BHK/Koraput

## ଲଗାଣ ବର୍ଷା

ଗଞ୍ଜାମ ଜିଲ୍ଲାରେ ସମ୍ଭାବ୍ୟ ବର୍ଷାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତ ଜାରି ରହିଛି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଜିଲ୍ଲାପାଳ’ ଜିଲ୍ଲାର ଚିକିଟି ବ୍ଲକ ଅନ୍ତର୍ଗତ ଅଲାଡ଼ି ଏବଂ ରାମାୟାପାଟଣାସ୍ଥିତ ବାତ୍ୟାସ୍ଥଳୀ ପରିଦର୍ଶନ କରି ଉପଲବ୍ଧ ବ୍ୟବସ୍ଥା ଏବଂ ପ୍ରସ୍ତୁତିର ସ୍ଥିତି ଯାଞ୍ଚ କରିଛନ୍ତି।

କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ବର୍ଷା

ଯୋଗୁଁ ତଳିଆ ଅଞ୍ଚଳ ଜଳବନ୍ଦୀ ଏବଂ ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ମାଲକାନଗିରି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଶୁକ୍ରବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ସୂଚନା ମିଳିଛି।

ରାୟଗଡ଼ା ଜିଲ୍ଲାର ସମସ୍ତ ଶିକ୍ଷା ଅନୁଷ୍ଠାନକୁ ଆସନ୍ତାକାଲିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

ଭଦ୍ରକ ଜିଲ୍ଲା ଧାମରା, ବାସୁଦେବପୁର, ଚାନ୍ଦବାଲି ଅଞ୍ଚଳର ସମସ୍ତ ମତ୍ସ୍ୟଜୀବୀଙ୍କୁ କୂଳକୁ ଫେରି ଆସିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

Kandhamal

## ସିକଲ୍ ସେଲ୍

କନ୍ଧମାଳ ଜିଲ୍ଲାରେ ସିକଲ୍ ସେଲ୍– ରକ୍ତଶିକୁଳି ରୋଗର ଯାଞ୍ଚ, ନିରାକରଣ ଏବଂ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସହାୟ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାରେ ଏକ ସମନ୍ୱିତ ଦୀର୍ଘମିଆଦ ଚିକିତ୍ସା ମଡେଲ ପ୍ରସ୍ତୁତ କରାଯିବ। କେନ୍ଦ୍ର ସରକାରଙ୍କ ଜାତୀୟ ସିକଲ୍ ସେଲ ଆନିମିଆ ନିରାକରଣ ମିଶନର ଲକ୍ଷ୍ୟକୁ ସାକାର କରିବା ପାଇଁ ଏହି ପ୍ରକଳ୍ପ ଓଡ଼ିଶା ସମେତ ଦେଶର ୬ଟି ପ୍ରମୁଖ ରାଜ୍ୟରେ କାର୍ଯ୍ୟକାରୀ ହେଉଛି।

Desk

## ପ୍ରାକୃତିକ ଗ୍ୟାସ

ମହାନଦୀ ଅବବାହିକାରେ ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମ– ଓଏନ୍‌ଜିସି ପକ୍ଷରୁ ପ୍ରାକୃତିକ ବାଷ୍ପ ଭଣ୍ଡାରର ସନ୍ଧାନ କରାଯାଇଛି। ଯାହା ଓଡ଼ିଶାର ଶକ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ  ସାବ୍ୟସ୍ତ ହେବା ସହ ଭାରତର ଉପକୂଳ ସୀମାର ଅପାର ସମ୍ଭାବନାକୁ ଆହୁରି ସୁଦୃଢ଼ କରିବ। ସମୁଦ୍ର ମନ୍ଥନ ଅଭିଯାନରେ ଓଏନ୍‌ଜିସି ପକ୍ଷରୁ ଏହି ଅନୁସନ୍ଧାନ କରାଯାଇଛି।

Kandhamal

## ହଳଦୀ ଚାଷ

କନ୍ଧମାଳ ଜିଲ୍ଲାର ପାରମ୍ପରିକ ହଳଦୀ ଚାଷ ସହିତ ନୂତନ ସାଲେମ କିଶମ ହଳଦୀ ଚାଷର ପ୍ରସାର ପାଇଁ ଜିଲ୍ଲା ପ୍ରଶାସନ ଏବଂ ମହାନଦୀ କୋଲ୍ଡ ଫିଲ୍ଡସ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ଭୁବନେଶ୍ୱରଠାରେ ସ୍ୱାକ୍ଷରିତ ହୋଇଯାଇଛି। ଏହା ମାଧ୍ୟମରେ ଜିଲ୍ଲାରେ ହଳଦୀର ଉତ୍ପାଦନ ଏବଂ ଉତ୍ପାଦକତା ହାର, ଚାଷୀଙ୍କ ଆୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

Rayagada

## ଯୌତୁକ ନିଷେଧ ଆଇନ

ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀରେ ଯୌତୁକ ନିଷେଧ ଆଇନ ଏବଂ ଘରୋଇ ହିଂସା ଆଇନ ସୁରକ୍ଷା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୌତୁକ ନିଷେଧ, ଘରୋଇ

ହିଂସାର ପ୍ରତିରୋଧ ଆଦି ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା ।

Boudh

## ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ

ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ବୌଦ୍ଧ ଜିଲ୍ଲାରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ପଞ୍ଚଦିବସୀୟ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଏଥିରେ ଜିଲ୍ଲାର ୬୦ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି ।

Boudh

## ନିଶାମୁକ୍ତ ଅଭିଯାନ

କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମେରା ଭାରତ' ପକ୍ଷରୁ ବୌଦ୍ଧ ସରକାରୀ ପଲିଟେକନିକ୍ କଲେଜଠାରେ 'ନିଶାମୁକ୍ତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୫୪ ଜଣ ଛାତ୍ରଛାତ୍ରୀ ନିଶାମୁକ୍ତ ଭାରତ ଗଠନ ଦିଗରେ ସଂକଳ୍ପ ନେଇଛନ୍ତି ।

Boudh

## ଏକ ପେଡ଼ ମା' କେ ନାମ

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଜିଲ୍ଲାର ହରଭଙ୍ଗା ବ୍ଲକରେ ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ଜାମୁପଦର ଓ ଯାଜପୁର ଗ୍ରାମରେ 'ଏକ

ପେଡ଼ ମା କେ ନାମ' ଅଭିଯାନ ଅଧୀନରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟର ତଦାରଖ କରିଥିଲେ।

Nayagada

## ଉଲ୍ଲାସ କାର୍ଯ୍ୟକ୍ରମ

ରାଜ୍ୟରେ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇଥିବା ବୟସ୍କ ବ୍ୟକ୍ତିମାନଙ୍କୁ ମୌଳିକ ସାକ୍ଷରତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଉଲ୍ଲାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହିକ୍ରମରେ ନୟାଗଡ଼ ବ୍ଲକରେ ମୋଟ ୫ ହଜାର ୮୩୮ ଜଣ ଶିକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ।

## ଗଣ୍ଡା ଦିବସ

ଗଣ୍ଡାମାନଙ୍କ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି ଗଣ୍ଡାମାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ନିର୍ମାଣ । ବିଶ୍ୱରେ ଥିବା ୫ ପ୍ରଜାତିର ଗଣ୍ଡାଙ୍କ ସୁରକ୍ଷା ଲାଗି ବିଭିନ୍ନ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି । ୨୦୧୦ ମସିହାରେ ଦକ୍ଷିଣ ଆଫ୍ରିକାର ବିଶ୍ୱ ବନ୍ୟଜନ୍ତୁ ଫଣ୍ଡ ଦ୍ୱାରା ପ୍ରଥମେ ଗଣ୍ଡା ଦିବସ ପାଳନ କରାଯାଇଥିଲା । ୨୦୧୧ ମସିହାଠାରୁ ଆନ୍ତର୍ଜାତିକ ସ୍ତରରେ ଏହି ଦିବସ ପାଳନ କରାଯାଉଛି । ଦେଶରେ ଏବେ ୪ହଜାରରୁ ଅଧିକ ଗଣ୍ଡା ରହିଥିବାବେଳେ ମୁଖ୍ୟତଃ ଆସାମର କାଜିରଙ୍ଗା ଓ ଓରାଙ୍ଗ ଜାତୀୟ ପାର୍କରେ ଅଧିକ ସଂଖ୍ୟାରେ ଗଣ୍ଡା ଦେଖାଯାନ୍ତି ।